ପ୍ରଥମ ସ୍ତମ୍ଭ...

ବିଭୂତି ପତି ଆଉ ନାହାନ୍ତି

ସୁଧୀର ପଟ୍ଟନାୟକ

୯୪୩୭୦୧୯୩୯୫ //sudhir.pattnaik@gmail.com

ଅକ୍ଟୋବର ୧୯, ୨୦୨୬ ଦିନ ଲୋହିଆ ଏକାଡେମୀଠାରେ ଏକ ନାଗରିକ ସମାଜର ସଭା ଚାଲିଥିଲା। ଦକ୍ଷିଣ ଓଡ଼ିଶାରେ ଆଦାନୀ, ବେଦାନ୍ତ, ବିର୍ଲା ଇତ୍ୟାଦି ବକ୍ସାଇଟ୍ ମାଇନିଂ କମ୍ପାନିମାନଙ୍କ ବିରୁଦ୍ଧରେ ମାତିଥିବା ଅଭୂତପୂର୍ବ ଆଦିବାସୀ ଆନ୍ଦୋଳନଗୁଡ଼ିକୁ ଦମନ କରିବାପାଇଁ ଯାହା ଅତ୍ୟାଚାର ଚାଲିଛି, ସେଥିରେ ମିଥ୍ୟା ମକଦ୍ଦମା ଓ ଦମନଲୀଳାକୁ ପ୍ରତିହତ କରିବା ପାଇଁ କ'ଣ ସବୁ କରାଯାଇପାରେ, ଗୋଟିଏ ବୈଠକରେ ଏକାଠି ହୋଇ ରାଜନୈତିକ କର୍ମୀ, ସାମାଜିକ କର୍ମୀ, ପୂର୍ବତନ ପ୍ରଶାସକ, ଅଧ୍ୟାପକ, ସାମ୍ବାଦିକ, ଯୁବ ଛାତ୍ର ନେତୃତ୍ୱ ଇତ୍ୟାଦି ରଣନୀତି ପ୍ରସ୍ତୁତ କରିବାପାଇଁ ପ୍ରୟାସ କରୁଥିଲେ। ବୈଠକ ଚାଲିଥିବାବେଳେ 'ସମଦୃଷ୍ଟି' ନ୍ୟୁଜ୍ ସର୍ଭିସ୍‌ର ହ୍ୱାଟ୍ସଆପ୍ ଗ୍ରୁପରେ ଏକ ଚଡ଼କ ପଡିଲା ଭଳି ବାର୍ତ୍ତାଟି ଆସିଲା। ସାମ୍ବାଦିକତା କ୍ଷେତ୍ରରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିବା ଗାର୍ଗୀ ଶତପଥୀ ଲେଖିଥିଲେ ଯେ ବିଭୂତି ପତି ଆଉ ଆମ ଗହଣରେ ନାହାନ୍ତି। ସଙ୍ଗେସଙ୍ଗେ ଗାର୍ଗୀଙ୍କୁ ଫୋନ୍ କରି ପଚାରିଥିଲି 'ଏହି ବିଭୂତି, ଆମର ବିଭୂତି ନୁହଁ ତ?' ସେ କହିଲେ, 'ସେ ଆମର ହିଁ ବିଭୂତି ଭାଇ, ହୃଦ୍‌ଘାତରେ କଟକ ଏସ୍‌ସିବିରେ ଚାଲିଯାଇଛନ୍ତି।' ଯୋଗାଯୋଗ କରି କଟକ ଯାଇ ବିଭୂତିଙ୍କ ଘରେ ପହଞ୍ଚିଲି ଏବଂ ନିଜ ଆଖିରେ ଦେଖିଲି ଯେ ସବୁଦିନ ପାଇଁ ଶୋଇଯାଇଥିବା ମଣିଷଟି ଆଉ କେହି ନୁହଁନ୍ତି ଆମର ପ୍ରିୟ ବିଭୂତି। ଗାର୍ଗୀ କହୁଥିଲେ, କିଛିଦିନ ତଳେ ସେ ତାଙ୍କୁ ଫୋନ୍‌କରି କହୁଥିଲେ ଯେ 'ସମଦୃଷ୍ଟି' ପାଇଁ କାହିଁକି ଲେଖୁନାହୁଁ? ମୃତ୍ୟୁର ଦୁଇଦିନ ପୂର୍ବରୁ ବିଘ୍ନ ମୁଁ ଏକାଠି ଥିଲାବେଳେ ସେ ବିଘ୍ନଙ୍କୁ ଫୋନ୍‌କରି କହୁଥିଲେ, 'ପୋଲଭରମ ଲେଖାଟି ସେ ଆଉଟିକେ ବାଗେଇ ପଠାଇବେ।' ତାର ଦୁଇଦିନ ପୂର୍ବରୁ ମୋତେ ଫୋନ୍ କରିଥିଲେ, ଖୁସି ନଥିଲେ, କହୁଥିଲେ, 'ସୁଧୀର ଭାଇ, ମୁଁ ଏହି ..... ସଂସ୍ଥାଟିକୁ ଛାଡ଼ିବାକୁ ପଡ଼ିବ।' କାରଣଗୁଡ଼ିକ ମୁଁ ଏଠି ଲେଖୁନାହିଁ, କାରଣ ସେ ତ ଚାଲିଗଲେଣି ଏବଂ ଏକଥା ସମସ୍ତେ ଜାଣନ୍ତି ଯେ ବିଭୂତି, ଗାର୍ଗୀ ଏବଂ ତାଙ୍କଭଳି ଅନ୍ୟ ସାମ୍ବାଦିକମାନଙ୍କୁ ପାଇବା ପାଇଁ ଓଡ଼ିଶାରେ ମୁଖ୍ୟସ୍ରୋତର ଗଣମାଧ୍ୟମର ପ୍ରାୟ ଯୋଗ୍ୟତା ନାହିଁ। ପୁଞ୍ଜିକୁ ଭଲପାଉଥିବା ଗଣମାଧ୍ୟମ କେବେ ବି ମଣିଷ ଓ ଜୀବଜଗତକୁ ଅନ୍ତରଙ୍ଗ ଭାବେ ଭଲ ପାଉଥିବା ସାମ୍ବାଦିକମାନଙ୍କୁ ଉଚିତ୍ ସମ୍ମାନ ଦେଇପାରିବ ନାହିଁ। କିଛିବର୍ଷ ଆଗରୁ ପରିଚିତ ଥିଲେ ବି 'ସମଦୃଷ୍ଟି'ରେ ବିଭୂତିଙ୍କ ଅବଦାନ (୧-୧୫ ଏପ୍ରିଲ୍ ୨୦୧୪ ସଂଖ୍ୟାଠାରୁ) ଆରମ୍ଭ ହୋଇଥିଲା କରଲାପାଟର ବକ୍ସାଇଟ୍‌ଭରା ପାହାଡ଼ ଉପରେ ନଜର ପକାଇଥିବା କର୍ପୋରେଟ୍ ଶାଗୁଣାମାନଙ୍କୁ ଏହାର ପ୍ରାକୃତିକ ପ୍ରାଚୁର୍ଯ୍ୟକୁ ଅଣଦେଖା କରି କେବଳ ବକ୍ସାଇଟ୍ ଉପରେ ନଜର ରଖିଛନ୍ତି, ସେଇ କଥାଟି ବାହାରକୁ ଆଣିବା ଉଦ୍ଦେଶ୍ୟରେ ସେ ଲେଖିଥିଲେ 'କଳା ବାଦଲରେ କରଲାପାଟ'। ଭୁବନେଶ୍ୱରରେ ବସିକି ନୁହଁ, ନିଜେ କରଲାପାଟ ଗସ୍ତ କରି ଲେଖାଟି ପ୍ରସ୍ତୁତ କରିଥିଲେ।

ପୁଣି ପରବର୍ତ୍ତୀ ସଂଖ୍ୟା ଏପ୍ରିଲ୍ ୧୬- ୩୦, ୨୦୧୪ରେ ପ୍ରକାଶ ପାଇଲା ତାଙ୍କର ଆଲେଖ୍ୟ 'ବାଫ୍‌ଲାମାଳୀର ବେପାର'। ଆଦିବାସୀଙ୍କ ଜୀବନଜୀବିକା ଯେଉଁ ବାଫ୍‌ଲାମାଳୀ ଯୋଗୁଁ ଶହ ଶହ ବର୍ଷଧରି ସୁରକ୍ଷିତ ଥିଲା ଏବଂ ଆଉ କେତେ ଶହ ବର୍ଷ ଧରି ସୁରକ୍ଷିତ ବି ରହିପାରନ୍ତା, ତାକୁ ନେଇ ବକ୍ସାଇଟ୍ ବ୍ୟାପାରୀମାନଙ୍କର ଯେଉଁ ଖେଳ ଚାଲିଛି ଓ ସେଥିରେ ଆଦିବାସୀମାନେ ବଳି ପଡୁଛନ୍ତି, ବିଭୂତିଙ୍କୁ ତାହା ବ୍ୟଥିତ କରିଥିଲା। ମେ' ୧୬-୩୧, ୨୦୧୪ରେ ସେ ଲେଖିଥିଲେ ଇନ୍ଦ୍ରାବତୀର ଜଳସଙ୍କଟକୁ ନେଇ ଏକ ସୁନ୍ଦର ଆଲେଖ୍ୟ 'ଇନ୍ଦ୍ର ମରୁଛନ୍ତି ଇନ୍ଦ୍ରାବତୀରେ'। ଶେଷଥର ପାଇଁ ବିଭୂତି 'ସମଦୃଷ୍ଟି' ପାକ୍ଷିକ ସମ୍ବାଦପତ୍ରରେ ନିଜର ଅଶୀତମ ଲେଖାଟି ପ୍ରକାଶ କରିଥିଲେ। ସେଇଟା ଥିଲା ୧- ୧୫ ସେପ୍ଟେମ୍ବର ୨୦୨୬ ମସିହାରେ। ଲେଖାଟିର ଶିରୋନାମା ଥିଲା 'ନାରଖାର୍ ନେପାଳ'। ନେପାଳରେ ବରଫ ପାହାଡ ଧସି ହୋଇଥିବା ବନ୍ୟା ଦୁର୍ବିପାକର ବିଭୀଷିକାକୁ ସେ ନିଜେ ଦେଖିବାପାଇଁ ନେପାଳ ଗସ୍ତକରି ଆଲେଖ୍ୟଟି ପ୍ରସ୍ତୁତ କରିଥିଲେ। ନଦୀ, ପାହାଡ଼, ଜଙ୍ଗଲ, ସରକାରୀ ନୀତି, ଦେଶବିଦେଶର ପ୍ରସଙ୍ଗ, ରାଜ୍ୟ ଓ ଜିଲ୍ଲାମାନଙ୍କର ପ୍ରସଙ୍ଗ ସବୁଥିରେ ବିଭୂତିଙ୍କର ଥିଲା ଆଗ୍ରହ। ଯେକୌଣସି ସ୍ଥାନକୁ ସିଧାସଳଖ ଯାଇ ପରିସ୍ଥିତିଟିକୁ ନିଜ ଆଖିରେ ଦେଖି ଆଲେଖ୍ୟ ପ୍ରସ୍ତୁତ କରିବାପାଇଁ ସେ ସବୁବେଳେ ଚେଷ୍ଟା କରୁଥିଲେ। ସମ୍ବାଦପତ୍ର ସଂସ୍ଥାମାନେ ଏଭଳି ସାମ୍ବାଦିକଙ୍କୁ କେବେ ପ୍ରୋତ୍ସାହନ ଦିଅନ୍ତି ନାହିଁ। ବିଭୂତିଙ୍କୁ ଏକା ହିଁ ଯିବାକୁ ପଡୁଥିଲା। ବ୍ୟକ୍ତିଗତ ସହଯୋଗ ଉପରେ ସେ ବେଶି ଭରସା ରଖୁଥିଲେ। ତାଙ୍କର ସମ୍ବାଦ ପରିବେଷଣ ଯେ କେବଳ ସତ୍ୟ ଉପରେ ଆଧାରିତ ଥିଲା ତାହା ନୁହେଁ, ପରନ୍ତୁ ତାଙ୍କ ପରିବେଷଣ ଶୈଳୀ ମଧ୍ୟ ଅତି ନିଆରା ଥିଲା ଓ ସେଥିରେ ଚୁମ୍ବକୀୟ ସାହିତ୍ୟ ଲୁଚି ରହିଥିଲା। ପରେ ଜାଣିବାକୁ ପାଇଥିଲୁ ଯେ ସେ ଗଜଲ୍ ବି ଲେଖିପାରନ୍ତି। ନିଜେ ଗାଇ ତାକୁ ସେ

ଅନ୍ୟମାନଙ୍କ ସହିତ ୟୁଟ୍ୟୁବ୍ ମାଧ୍ୟମରେ ପଠାଉଥିଲେ ଏବଂ ସେଗୁଡ଼ିକ ବହୁତ ହୃଦୟସ୍ପର୍ଶୀ ମଧ୍ୟ ଥିଲା। ଓଡ଼ିଶାର ମଣିଷ, ଜୀବଜଗତ, ପ୍ରକୃତି, ପରିବେଶର ପ୍ରୀତିମୟ ସହବସ୍ଥାନ ବିଭୂତିଙ୍କ ସ୍ୱପ୍ନ ଓ ସଙ୍କଳ୍ପରେ ଭରି ରହିଥିଲା। ସେ ସାମ୍ବାଦିକତାକୁ ଏଭଳି ଏକ ସହାବସ୍ଥାନ ପାଇଁ ଅସ୍ତ୍ରରୂପେ ବ୍ୟବହାର କରୁଥିଲେ। ବିଭୂତିଙ୍କ ଅଚାନକ ଚାଲିଯିବା ଆଦୌ ଗ୍ରହଣ କରିହେବ ନାହିଁ। ଏଭଳି ସାମ୍ବାଦିକମାନଙ୍କୁ ହିଁ ପ୍ରକୃତ ସାମ୍ବାଦିକ କୁହାଯାଇପାରେ। ସେଥିପାଇଁ ଏହି ଶୂନ୍ୟସ୍ଥାନ ଅପୂରଣୀୟ ହୋଇରହିବ।

'ସମଦୃଷ୍ଟି' ତରଫରୁ ବିଭୂତିଙ୍କ ଲେଖାଗୁଡିକୁ ନେଇ ଏକ ସୂଚୀ ତାଙ୍କ ଶ୍ରଦ୍ଧାଞ୍ଜଳି (୨୪.୧୧.୨୦୨୬, ଲୋହିଆ ଏକାଡେମୀ)ସଭାରେ ଉନ୍ମୋଚିତ ହୋଇସାରିଛି। ତାଙ୍କର କିଛି ଆଲେଖ୍ୟକୁ ନେଇ ପ୍ରଥମ ସଂକଳନଟି ଜାନୁଆରୀ ମାସରେ ପ୍ରକାଶ କରିବା ପାଇଁ ସମ୍ପାଦକ ଓ ତାଙ୍କ ଦଳ ପ୍ରଚେଷ୍ଟା କରୁଛନ୍ତି। 'ସମଦୃଷ୍ଟି' ବାର୍ଷିକ ଉତ୍ସବରେ 'ବିଭୂତି ପତି ସାମ୍ବାଦିକ ସମ୍ମାନ' ଜଣେ ଯୋଗ୍ୟ ସାମ୍ବାଦିକଙ୍କୁ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଆମେ ଆଶା କରିବୁ ବିଭୂତିଙ୍କ ଲେଖାଗୁଡିକୁ ଯୁବ ପିଢ଼ି ଧ୍ୟାନର ସହିତ ପଢ଼ି ଅନୁପ୍ରାଣିତ ହେବେ ଏବଂ ମା, ମାଟି ଓ ମଣିଷର ଚିରନ୍ତନ ହିତ ପାଇଁ ସଂକଳ୍ପବଦ୍ଧ ଭାବେ କାମ କରିବେ। ■■

ଭିନ୍ନ ଏକ ଡାକ୍ତର: ରାଣ୍ଡଲ ସିକେଇରା

ବିଭୂତିଙ୍କର ହୃଦ୍‌ଘାତଜନିତ ମୃତ୍ୟୁର ତିନିଦିନ ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୧୬, ୨୦୨୬ ରାତିରେ ଭବାନୀପାଟଣାରୁ ଜଣେ ସାମାଜିକ କର୍ମୀ ଓ ସମାଜବାଦୀ ଲକ୍ଷ୍ମଣ ନାୟକ ଏବଂ ଜଣେ ଜନପ୍ରିୟ ଡାକ୍ତର ରାଣ୍ଡଲ ସିକେଇରାଙ୍କୁ ପୋଲିସ୍ ତାଙ୍କ ଭବାନୀପାଟଣାସ୍ଥିତ ଅସ୍ଥାୟୀ ଘରୁ ଉଠାଇ ନେଇଥିଲେ ଓ ଉଭୟଙ୍କ ଅପରାଧ ହେଲା ଯେ ସେମାନେ ପୋଲିସ୍, ଖଣି କମ୍ପାନୀ, ପ୍ରଶାସନର ଚାଲିଥିବା ଗଣ ଅପରାଧର ଶିକାର ହେଉଥିବା ମଣିଷମାନଙ୍କ ପାଖରେ ଦୃଢ଼ଭାବେ ଠିଆ ହୋଇଆସିଛନ୍ତି। ଡାକ୍ତର ରାଣ୍ଡଲ ଅତି ପ୍ରତିଷ୍ଠିତ ମେଡିକାଲ କଲେଜରୁ ଏମ.ବି.ବି.ଏସ୍ ଓ ଏମ.ଡି (ମେଡିସିନ୍) ଡିଗ୍ରୀ ପାଇ ଜଣେ ପେଷାଦାର ଡାକ୍ତର ଭାବେ କେଉଁଠି ବି ମୋଟା ପଇସାରେ ନିଯୁକ୍ତି ପାଇପାରିଥା'ନ୍ତେ ଓ ସେ କିନ୍ତୁ ନିଷ୍ପତ୍ତି ନେଲେ ଆଦିବାସୀ ଦଳିତମାନଙ୍କ ଭିତରେ ରହି ସେମାନଙ୍କର ସେବା କରିବେ । କୋଭିଡ୍ ସମୟରେ ସରକାର ବକ୍ସାଇଟ୍‌ଭରା ପାହାଡ଼ଗୁଡ଼ିକୁ କମ୍ପାନୀମାନଙ୍କ ହାତକୁ ଟେକିଦେବା ପାଇଁ ଲକ୍ଷ୍ୟ ରଖିଥିବା ଯୋଗୁଁ ସମ୍ପୃକ୍ତ ଅଞ୍ଚଳଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରି ଚାଲିଥିଲେ । ଡାକ୍ତର ରାଣ୍ଡଲ ଏକମାତ୍ର ଆଶାର କିରଣ ହିସାବରେ ଗୋଟିଏ ଆଦିବାସୀ ଗାଁରୁ ଅନ୍ୟ ଗୋଟିଏ ଆଦିବାସୀ ଗାଁ ବୁଲିବୁଲି ସେହି ପାହାଡ଼ ଜଙ୍ଗଲ ଭିତରେ ରୋଗୀ ସେବା କରୁଥିଲେ ଓ ବର୍ଷବର୍ଷ ଧରି ରହିବା ଭିତରେ ସେହି ମଣିଷମାନଙ୍କର ସେ ଅତି ନିଜର ହୋଇଯାଇ ଥିଲେ । ସେମାନଙ୍କ ସମସ୍ୟାକୁ ସେ ନ ଦେଖିଲା ଭଳି ଅଭିନୟ ନକରି ବରଂ ତାକୁ ନିଜର ସମସ୍ୟା ହିସାବରେ ଗ୍ରହଣ କରୁଥିଲେ । ସେଥିପାଇଁ ଆଦିବାସୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚାଲିଥିବା ବେଳେ, ଗଣମାଧ୍ୟମ ସେଗୁଡ଼ିକୁ ନ ଦେଖିଲା ଭଳି ରହୁଥିବାବେଳେ, ଓଡ଼ିଶାର ମଧ୍ୟବିତ୍ତ ଶ୍ରେଣୀ 'ନିଜର କିଛି କ୍ଷତି ହେଉ ନାହିଁ' ଭାବି ନିରବ ରହୁଥିବା ବେଳେ ଓ ରାଜନେତାମାନଙ୍କର ଛଳନାମୟ ଅଞ୍ଚଳଗ୍ରସ୍ତ ତୁହାକୁତୁହା ଚାଲିଥିବା ଭିତରେ ରାଣ୍ଡଲ ଧରି ନେଇଥିଲେ ଯେ ତାଙ୍କଭଳି ମଣିଷମାନଙ୍କୁ ଆଦିବାସୀମାନଙ୍କ ସହ ସାଥୀଦେବା ଅତ୍ୟନ୍ତ ଜରୁରୀ । ଡାକ୍ତରୀ ସେବା ସଂଗକୁ ସେ ଜନଗଣଙ୍କୁ ନୈତିକ ସମର୍ଥନ ଦେବାପାଇଁ ମଧ୍ୟ ପଛାଇ ନଥିଲେ । ସେ ଜଣେ ଆଦିବାସୀଙ୍କର ସଚ୍ଚା ଓ ସଂକଳ୍ପବଦ୍ଧ ସାଥୀ, ଏହାର ପ୍ରମାଣ ସଂଘର୍ଷରତ ଆଦିବାସୀମାନଙ୍କୁ ତୁହାକୁ ତୁହା ଦେଇଚାଲିଥିଲେ । ତାଙ୍କୁ ଗିରଫ କରି ଓଡ଼ିଶାରେ କେନ୍ଦ୍ରର ଯେଉଁ ଖେଳନା ସରକାର ଅଛି, ପ୍ରମାଣିତ କରିଛନ୍ତି ଯେ ସେମାନେ ବକ୍‌ସାଇଟ୍ ଖଣିକୁ ବିରୋଧ କରୁଥିବା ଆଦିବାସୀମାନଙ୍କୁ କୌଣସି ଦୃଷ୍ଟିରୁ ଯେପରି ସହଯୋଗ କିଏ ବି ନଦିଅନ୍ତି, ତାକୁ ସୁନିଶ୍ଚିତ କରିବା। ଦକ୍ଷିଣ ଓଡ଼ିଶାର ଲିଙ୍ଗରାଜ ଆଜାଦ, ଲଦ ଶିକକା ଇତ୍ୟାଦି ଶାନ୍ତିପ୍ରିୟ ଗଣତନ୍ତ୍ରପ୍ରେମୀ, ପ୍ରତିବାଦକାରୀ ଏବଂ ଆଦିବାସୀମାନଙ୍କର ଅସଲ ବନ୍ଧୁମାନଙ୍କୁ ମିଛ ମୋକଦ୍ଦମାରେ ଗିରଫ କରାଯାଉଛି। ଜିଲ୍ଲାସ୍ତରରେ କାମ କରୁଥିବା ନ୍ୟାୟପାଳିକା ପୋଲିସର ପ୍ରଭାବରେ ରହି ଆସୁଥିବାରୁ ଏମାନଙ୍କୁ ଜାମିନ୍ ସହଜରେ ମିଳୁ ନାହିଁ। ମିଳିଲେ ବି ପୁଣିଥରେ ମିଛ ମୋକଦ୍ଦମାରେ ଗିରଫ କରି ନେଇଯିବାଟା ଏକ ସ୍ୱାଭାବିକ ଘଟଣା ହୋଇଯାଇଛି। ଆମେ ଅନ୍ତତଃ ଆଶା କରିବୁ ଯେ ଓଡ଼ିଶାର ଡାକ୍ତରମାନେ ନିଜର ସମ୍ବେଦନଶୀଳତା ସମ୍ପୂର୍ଣ୍ଣ ଭାବେ ମରିଯାଇ ନାହିଁ, ତାର ପ୍ରମାଣ ଦେବାପାଇଁ ଅନ୍ତତଃ ନିଜର ସ୍ୱର ଉଠାଇବେ ଓ ସମଗ୍ର ଡାକ୍ତରୀ ସମାଜକୁ ଏଥିପାଇଁ ସଂଗଠିତ କରାଇବେ। ଡାକ୍ତର ରାଣ୍ଡଲଙ୍କୁ ଏକୁଟିଆ କରିଦେବା ସମଗ୍ର ଡାକ୍ତରୀ ସମାଜ ପାଇଁ ଏକ ଅପରାଧ ସଦୃଶ ଧରିନିଆଯିବ। ଏଥିପାଇଁ ଅନ୍ୟ ନାଗରିକ ସମାଜଙ୍କ ସହ ଡାକ୍ତରୀସମାଜ ମଧ୍ୟ ରାଣ୍ଡଲଙ୍କ ମୁକ୍ତି ପାଇଁ ଏବଂ ଅନ୍ୟ ସେହିଭଳି ସଚ୍ଚା ଆଦିବାସୀ ସାଥୀମାନଙ୍କ ମୁକ୍ତିପାଇଁ ନିଜର ପ୍ରଚେଷ୍ଟା ଆରମ୍ଭ କରିବାକୁ ପଡ଼ିବ।■■